## ସଂକ୍ଷେପରେ

### କେନାଲ କଡ଼ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଭଦ୍ରକ ଅଫିସ, ୧।୯- ଭଦ୍ରକ ପୁରୁଣାବଜାର ଥାନା ପୋଲିସ ରବିବାର ମଧ୍ୟାହ୍ନରେ ଛତାକମହଲା ପଠାଣସାହିର ଏକ କେନାଲ କଡ଼ରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ଯୁବତୀଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ତେବେ ଅନ୍ୟ ସ୍ଥାନରେ ତାଙ୍କୁ ହତ୍ୟା କରାଯାଇ ଏଠାରେ ଆଣି ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ଥାନାଧିକାରୀ ପ୍ରଜ୍ଞା ମହାନ୍ତି, ଏସ୍‌ଆଇ ଦିବ୍ୟଲୋଚନ ବେହେରା ଓ ପ୍ରିୟଦର୍ଶନ ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା।

### ନୂଆ ସଦସ୍ୟଙ୍କୁ ବିଜେଡିର ସ୍ୱାଗତ

ଚାନ୍ଦବାଲି, ୧।୯ (ଡି.ଏନ.ଏ.) - ଚାନ୍ଦବାଲି ଏନ୍‌ଏସିର ୫ ନମ୍ବର ୱାର୍ଡ ବାଲିଗାଁରେ ବିଜେଡ଼ିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ନେତା ଅମିୟ ସାହୁଙ୍କ ସମେତ ୧୭ ଜଣ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବ୍ଲକ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସଭାରେ ନୂଆ ସଦସ୍ୟ ସାହୁ ଓ ତାଙ୍କ ସହଯୋଗୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଧାୟକ ବ୍ୟୋମକେଶ ରାୟ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରିବା ଅବସରରେ ଚାନ୍ଦବାଲି ଏନ୍‌ଏସିର ବିକାଶ ପାଇଁ ହୋଇଥିବା ଯୋଜନା ଓ ଅର୍ଥବରାଦ ସମ୍ପର୍କରେ ସୂଚନା ଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ବିଜେଡି ଯୁବକର୍ମୀଙ୍କ ବାଇକ୍ ଶୋଭାଯାତ୍ରା ଚାନ୍ଦବାଲି ସହର ପରିକ୍ରମା କରି କାର୍ଯ୍ୟାଳୟକୁ ଯାଇଥିଲା। ଭଦ୍ରକ ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ, ନରେଶ ମାଝୀ, ଶରତ ସାହୁ ପ୍ରମୁଖ ଦଳୀୟ ନେତା ଓ କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

### ବୃଦ୍ଧାଶ୍ରମରେ ଯୋଗ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା

ଭଦ୍ରକ ଅଫିସ, ୧।୯- ଭଦ୍ରକ ସୋସିଆଲ ସର୍ଭିସ୍ ସଙ୍ଗଠନ ପକ୍ଷରୁ ରବିବାର ଚରମ୍ପାସ୍ଥିତ ବୟୋଜ୍ୟେଷ୍ଠ ବୃଦ୍ଧାଶ୍ରମରେ ଯୋଗ ଶିକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ ଯୋଗ ଶିକ୍ଷା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଯୋଗ ଶିକ୍ଷକ ଯୋଗୀ ସଞ୍ଜୀବ ଓ ଡା. ବିରଞ୍ଚି ବେହେରା ଯୋଗ ଶିକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସଙ୍ଗଠନର ମୁଖ୍ୟ ସଞ୍ଚିତ ନାୟକ ଓ ନିର୍ଦ୍ଦେଶକ ପ୍ରକାଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ବଡ଼ସାହି,୧।୯(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଶିଆଳିଘାଟୀ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି ଗ୍ରାମର ଖଗେଶ୍ୱର ନାଏକ (୩୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ରାତିରେ ଖଗେଶ୍ୱର ଖାଇପିଇ ଘରେ ଶୋଉଥିବା ବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଫେରାର ବଳାତ୍କାର ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୧।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସେହି ଥାନା ଅଞ୍ଚଳର ଶିବ ଚରଣ କିସ୍କୁ(୨୭)। ଗତ ଜୁଲାଇ ୧୭ରେ ମହିଳା ଜଣକ ଗ୍ରାମ ନିକଟ ପୋଖରୀକୁ ନିତ୍ୟକର୍ମ ପାଇଁ ଯାଇଥିବା ବେଳେ ଏକୁଟିଆ ସୁଯୋଗ ନେଇ ଶିବ ଚରଣ ତାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏଥିନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା (ନଂ.୩୦/୧୯) ରୁଜୁକରି ତଦନ୍ତ ଜାରି ରଖିଥିଲା।

### ଦୋକାନରୁ ଚୋରି ଅଭିଯୋଗରେ ୩ ଗିରଫ

ରାଇରଙ୍ଗପୁର,୧।୯(ଡି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳ କଚେରି ପଡ଼ିଆ ନିକଟସ୍ଥ ଆହାର କେନ୍ଦ୍ର ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ଏକ ଖେଳନା ଦୋକାନରୁ ଶନିବାର ରାତିରେ ୧୦ ହଜାର ଟଙ୍କା ଲୁଟ୍ ଅଭିଯୋଗରେ ସହରାଞ୍ଚଳ ପୋଲିସ ପକ୍ଷରୁ ଏକ ମାମଲା(ନଂ.୯୭/୧୯) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେହେଲେ ପିଛିଲିଘାଟୀ ବସ୍ତି ଅଞ୍ଚଳର ପ୍ରଣବ ମହାନ୍ତି, ଶିବ ମହାକୁଡ଼ ଏବଂ ବାଲେଶ୍ୱର ଅଞ୍ଚଳର ବାବୁଲାଲ ତ୍ରିପାଠୀ। ଦୋକାନୀ ସେଖ୍ ମୁନିରୁଲ ହକ୍‌ଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ କରିଥିଲା। ୩ ଅଭିଯୁକ୍ତଙ୍କଠାରୁ ଚୋରି ଟଙ୍କା ଜବତ କରାଯାଇଛି।

# ଆମ ଗାଁ ଆମ ବିକାଶ ଯୋଜନାରେ ଚଞ୍ଚକତା

## କ୍ଷେତ୍ରୀୟ ତଦନ୍ତ କଲେ ଅମ୍ବୁଡସ୍‌ମ୍ୟାନ

ଭଦ୍ରକ ଅଫିସ, ୧।୯–

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ ଜନ୍ତୁଆଳି ଗ୍ରାମରେ 'ଆମ ଗାଁ ଆମ ବିକାଶ' ଯୋଜନାରେ ୪ ଲକ୍ଷ ଟଙ୍କାର ଦୁର୍ନୀତି ଓ ଚଞ୍ଚକତା ନେଇ ଅଭିଯୋଗ ହୋଇଥିଲା। ଜିଲା ଅମ୍ବୁଡସ୍‌ମ୍ୟାନ ଲଳିତା ମିଶ୍ର ଶନିବାର ଏହି ଗାଁକୁ ଆସି କ୍ଷେତ୍ରୀୟ ତଦନ୍ତ କରି ଫେରିଛନ୍ତି। ତଦନ୍ତ ପରେ ଜିଲାପାଳ ଓ କମିଶନରଙ୍କୁ ଲିଖିତ ଭାବେ ଜଣାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅମ୍ବୁଡସମ୍ୟାନଙ୍କ ତଦନ୍ତ ବେଳେ ଜନ୍ତୁଆଳି ଗ୍ରାମର ବହୁ ଲୋକ ଉପସ୍ଥିତ ରହି ନିଜ ନିଜର ବୟାନ ଦେଇଥିଲେ।

ଉଲ୍ଲେଖନୀୟ ଯେ, ପୋଖରୀସାହି ସ୍ଥିତ ତାରିଣୀ କମ୍ୟୁନିଟି ସେଣ୍ଟର ଓ ମଣ୍ଡପ ଗୃହ ନିର୍ମାଣ ପାଇଁ ୨୦୧୮–୧୯ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀମାନେ ଚଞ୍ଚକତା କରି କେତେକ ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ ଜନ୍ତୁଆଳି ନୂଆସାହିସ୍ଥିତ ଏକ ଗ୍ରାମ୍ୟ ଜଙ୍ଗଲ ଜମିରେ ବେଆଇନ ଭାବେ ପକ୍କାଗୃହ ନିର୍ମାଣ କରିଥିଲେ। ଯେଉଁଥିରେ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨ ଲକ୍ଷ ୮୦ ହଜାର ଟଙ୍କା ବାଟମାରଣା କରାଯାଇଥିଲା। ଏହି ବେଆଇନ ପକ୍କାଗୃହ ଜନ୍ତୁଆଳି ଗ୍ରାମର ପାରମ୍ପରିକ ଗ୍ରାମ୍ୟ ଜଙ୍ଗଲରେ ତିଆରି କରାଯାଇଥିବା ଅଭିଯୋଗ କରି ଏହାକୁ ଭାଙ୍ଗିବା ପାଇଁ ଗ୍ରାମବାସୀ ଅମ୍ବୁଡସ୍‌ମ୍ୟାନଙ୍କୁ ଦାବି ଜଣାଇଥିଲେ। ଏହି ୪ ଲକ୍ଷ ଟଙ୍କା ବିଭାଗୀୟ ଅଧିକାରୀମାନଙ୍କ ପାଖରୁ ଆଦାୟ କରାଯାଇ ସରକାରଙ୍କ ରାଜସ୍ୱ ପାଣ୍ଠିକୁ ଫେରାଇ ଆଣାଯିବାକୁ ଗ୍ରାମବାସୀ ଦାବି କରିଥିଲେ।


ଅମ୍ବୁଡସମ୍ୟାନ ଗ୍ରାମବାସୀଙ୍କଠାରୁ ବୟାନ ରେକର୍ଡ କରୁଛନ୍ତି।

# ବଡ଼ ସରକାର ବାବାଙ୍କ ୫ମ ଉର୍ସ ପ୍ରସ୍ତୁତି

ଭଦ୍ରକ ଅଫିସ, ୧।୯

ଭଦ୍ରକ ବାଇପାସ୍ ରୋଡସ୍ଥିତ ସରକାର ନଗର ଖାନ୍‌କାହଠାରେ ଗୁଲସନେ ଗୌସପାକ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଜି ହାଫିଜ ସେକ୍ ମହମ୍ମଦ ଇସାକ ସଭାପତିତ୍ୱ କରିଥିଲେ। ଆସନ୍ତା ୨୪ ତାରିଖରେ ବଡ଼ ସରକାର ବାବାଙ୍କ ୫ମ ବାର୍ଷିକ ଉର୍ସ କାଦ୍‌ରୀୟା ଉତ୍ସବ ପାଳନ କରାଯିବ। ୨୩ ତାରିଖ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଖାନକାହ କମିଟିଠାରେ ଫାତେହା ପାଇଁ ଫଳ ସାମଗ୍ରୀ ପହଞ୍ଚାଇବେ। ସୋମବାର ରାତି ୧୨ରୁ ବାବାଙ୍କ ଗୋସଲଖାନୀ ଆରମ୍ଭ ହେବ। ସକାଳ ନମାଜ ପାଠ ସାରି କୋରାନଖାନୀ, ମିଲାଦ ସରିଫ ଓ ଫାତେହା ଆୟୋଜନ କରାଯିବ। ଫାତେହା ସରିଲା ପରେ ଭକ୍ତମାନଙ୍କୁ ଭୋଗ ବଣ୍ଟନ କରାଯିବ। ୨୪ ତାରିଖ ସକାଳ ୮ଟାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ବାବାଙ୍କ ସମାଧିଠାରେ ଚାଦର ଚଢାଯିବ।

ଖାନ୍‌କାହ କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତଙ୍କ ଲାଗି ରେଳଷ୍ଟେଶନ ଓ ବନ୍ତ ଛକ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କ୍ୟାମ୍ପ ଖୋଲାଯିବ। ଏହି କ୍ୟାମ୍ପରେ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ଖାନକାହ ପର୍ଯ୍ୟନ୍ତ ଯାତାୟାତର ବ୍ୟବସ୍ଥା କରାଇବେ ବୋଲି ଖାନକାହ କମିଟିର ସମ୍ପାଦକ ସେକ୍ ଅତା ମୋହିଦ୍ଦିନ ଜଣାଇଛନ୍ତି। ମିର୍ଜା ସୈଫୁଦ୍ଦିନ, ତାହେର ଅଲି, ମହମ୍ମଦ ଅତାଉଲା, ଫୁରକାନ ଅଲି, ମହମ୍ମଦ ଫଜଲେ ହକ, ମହମ୍ମଦ ସଏଫ୍ ଅଲି, ସେଖ ଗୁଲମହମ୍ମଦ, ମୁଖତାର ଅହେମଦ ରସିଦ ପ୍ରମୁଖ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ। ଖାନକାହ ପରିସର ବାହାରେ ସେପ୍ଟେମ୍ବର ୨୪ ତାରିଖ ସନ୍ଧ୍ୟାଠାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ଧର୍ମସଭା ଓ ମୁଶାଏରାର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଥିଲା।

# ବଦଳିଲେ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ

ବନ୍ତ,୧।୯ (ସ୍ୱ.ପ୍ର./ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମରୋଜଗାର ସେବକଙ୍କୁ ଅଦଳବଦଳ କରାଯାଇଛି। ବ୍ଲକରେ କାର୍ଯ୍ୟରତ ୧୬ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୧୨ ଗ୍ରାମରୋଜଗାର ସେବକଙ୍କୁ ସ୍ଥାନାନ୍ତର କରାଯାଇଛି। ବିଡିଓଙ୍କ ଆଦେଶନାମା ସଂଖ୍ୟା ୨୫୮୧, ତା ୩୧।୮।୧୯ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ତୋଡ଼ଗାଁ ଓ ରାମପୁର, ସଙ୍ଗୀତା ପାଣିଗ୍ରାହୀଙ୍କୁ ଆଡ଼ିଆ, ଜୟପ୍ରକାଶ ମହାପାତ୍ରଙ୍କୁ ବଡବର୍ଚ୍ଛିକୟାଁ, ବୀରକିଶୋର ନାୟକଙ୍କୁ ଅଣିଜୋ ଓ ବଡ଼ମହିଷଗୋଠ, ବିଭୂଦତ୍ତ ପାତ୍ରଙ୍କୁ ବନ୍ତ, ସମୀକ୍ଷା ତ୍ରିପାଠୀଙ୍କୁ ରାମଚନ୍ଦ୍ରପୁର, ଅଲେଖ ମଲ୍ଲିକଙ୍କୁ ଛୟାଳସିଂହ ଓ ପଧାନପଡା, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କୁ ଟିଲୋ ଏବଂ ଓଡ଼ଙ୍ଗ, ପ୍ରଦୀପ କୁମାର ନାୟକଙ୍କୁ ଗୋବିନ୍ଦପୁର, ଗଣେଶ ପ୍ରସାଦ ନାୟକଙ୍କୁ କେନ୍ଦୁଆପଦା ଓ ପୁରୁଷଣ୍ଡ, ଗୟାଧର ସାହୁଙ୍କୁ କାଦବରାଙ୍ଗ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ସେହିପରି ନିଶାକର ଖୁଣ୍ଟିଆଙ୍କୁ ମହାନ୍ତିପଡା ଓ ଚାରିଗାଁ, ଅଶୋକ ସ୍ୱାଇଁଙ୍କୁ ସେଣ୍ଡତିରା ଓ ବସନ୍ତିଆ, ଦେବେନ୍ଦ୍ର ଦଳେଇଙ୍କୁ ରାମକୃଷ୍ଣପୁର ଓ ଗଣିଜାଙ୍ଗ, ନାରାୟଣ ପଣ୍ଡାଙ୍କୁ ନିଳୋକ ଏବଂ ବିକାଶ ଚନ୍ଦ୍ର ରାଉତଙ୍କୁ ଗୋପୀନାଥପୁର ଓ ବିଟିପୁର ପଞ୍ଚାୟତରେ ଅବସ୍ଥାପିତ କରାଯାଇଛି।

ଗ୍ରାମରୋଜଗାର ସେବକ ସୁବୋଧ କୁମାର ରାଉତଙ୍କୁ ମହାନ୍ତିପଡା ଓ ଗୋପୀନାଥପୁର, ସରୋଜ କୁମାର ସାମଲଙ୍କୁ ପୁରୁଷଣ୍ଡ, ବିଟିପୁର ଓ ବଡମହିଷଗୋଠ, ମହେଶ୍ୱର ନାୟକଙ୍କୁ ଚାରିଗାଁ, ଅଣିଜୋ ଓ ବଡବର୍ଚ୍ଛିକୟାଁ, ଭାଗୀରଥି ସାହୁଙ୍କୁ ଓଡଙ୍ଗ ଏବଂ କାଦବରାଙ୍ଗ, ନିରାକାର ଘଡେଇଙ୍କୁ ଗଣିଜାଙ୍ଗ ଓ ଛୟାଳସିଂ, ପ୍ରସନ୍ନ କୁମାର ଦତ୍ତଙ୍କୁ ତୋଡଗାଁ ଓ ଗୋବିନ୍ଦପୁର, ପ୍ରଦୀପ କୁମାର ବିଶ୍ୱାଳଙ୍କୁ ସେଣ୍ଡତିରା, ରମେଶ ଚନ୍ଦ୍ର କରଙ୍କୁ ରାମଚନ୍ଦ୍ରପୁର ଓ ଆଡିଆ, ରବୀନ୍ଦ୍ର ବେହେରାଙ୍କୁ ନିଳୋକ ଓ ବସନ୍ତିଆ, ବନିତାରାଣୀ ନାୟକଙ୍କୁ ଟିଲୋ ଓ ବନ୍ତ, ହିମାଂଶୁ ଶେଖର ମିଶ୍ରଙ୍କୁ ରାମପୁର ଓ ପଧାନପଡା ଏବଂ ରାଜେଶ କୁମାର ଜେନାଙ୍କୁ ରାମକୃଷ୍ଣପୁର ଓ କେନ୍ଦୁଆପଦା ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। ପଞ୍ଚାୟତରେ ସୂଚାରୁ ଭାବେ କାର୍ଯ୍ୟ ସମ୍ପାଦନ ପାଇଁ ଏହି ଅଦଳବଦଳ କରାଯାଇଥିବା ବିଡିଓ ରେବେକା ବିଲୁଙ୍ଗ ସୂଚନା ଦେଇଛନ୍ତି।

# ଜାଲରେ ଫସିଲା ନାଗ

ଭଣ୍ଡାରିପୋଖରୀ, ୧।୯(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମର ଉର୍ମିଳା ଶତପଥୀଙ୍କ ଘରେ ରବିବାର ଏକ ୫ ଫୁଟର ନାଗ ଜାଲରେ ଫସି ଯାଇଥିଲା। ଖବର ପାଇ ଭଦ୍ରକର ସାପଧରାଳି ସେକ୍ ମିର୍ଜା ପହଞ୍ଚି ଜାଲରୁ ନାଗଟିକୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ଉର୍ମିଳାଙ୍କ ଘରେ ଥିବା ଏକ ଗାତ ପାଖରେ ଦିଆଯାଇଥିବା ଜାଲରେ ଲାଗିଯାଇ ସାପଟି ଗର୍ଜନ କରୁଥିଲା। ପରିବାର ଲୋକ ଦେଖି ସାପଧରାଳି ମିର୍ଜାଙ୍କୁ ଯୋଗାଯୋଗ କରିବା ପରେ ସେ ପହଞ୍ଚି ସାପକୁ ଉଦ୍ଧାର କରି ନେଇଥିଲେ। ଉଲ୍ଲେଖନୀୟ, ଗତ ରବିବାର ଉର୍ମିଳାଙ୍କ ଘରେ ଏକ ନାଗ ପଶିଥିଲା। ପରିବାର ଲୋକ ଭୟଭୀତ ହୋଇ ମିର୍ଜାଙ୍କୁ ଡାକି ଘର ଚଟାଣ ଖୋଳିଥିଲେ ମଧ୍ୟ ନିରାଶ ହୋଇଥିଲେ। ସାପକୁ ପାଇ ନ ଥିଲେ। ସୋମବାର ପୁଣି ବାହାରିବାରୁ ମିର୍ଜା ଆସି ନାଗ ଉଦ୍ଧାର କରି ନେଇଯାଇଥିଲେ। ପରେ ପରିବାର ଲୋକେ ଗାତ ଥିବା ସ୍ଥାନରେ ଏକ ଜାଲ ବିଛାଇ ଦେଇଥିଲେ।

■ବିଜେଡିର ମିଶ୍ରଣ ପର୍ବ

# ସରପଞ୍ଚ, ସମିତିସଭ୍ୟାଙ୍କ ସହ ୯ ୱାର୍ଡସଭ୍ୟ ସାମିଲ


ବିଜେଡିର ମିଶ୍ରଣ ପର୍ବରେ ଉପସ୍ଥିତ ଅତିଥି ଓ ନୂତନ ସଦସ୍ୟ।

ବାସୁଦେବପୁର, ୧।୯(ଡି.ଏନ.ଏ.)–

ବାସୁଦେବପୁର ନରସିଂହପୁର ବାସନ୍ତୀ ପଡ଼ିଆଠାରେ ରବିବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ତଥା ପଡୁଁଆ ସରପଞ୍ଚ ଦୀନବନ୍ଧୁ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନମଙ୍ଗଳକାରୀ ଯୋଜନାକୁ ପ୍ରଶଂସା କରିବା ସହ ଏହାର ସୁଫଳ ସାଧାରଣ ଲୋକଙ୍କ ପାଖରେ କିପରି ପହଞ୍ଚିପାରିବ ସେ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ ଓ ବ୍ଲକ ଯୁବ ବିଜେଡି ସଭାପତି ଅସିତ ଦାସ ପ୍ରମୁଖ ନିଜ ନିଜର ମତ ରଖିଥିଲେ। ଏହି ମିଶ୍ରଣ ପର୍ବରେ ନରସିଂହପୁର ପଞ୍ଚାୟତ ସରପଞ୍ଚ ଅଞ୍ଜଳି ବିଶ୍ୱାଳ, ସମିତିସଭ୍ୟା ଆରତି ଯେନା, ନାଏବ ସରପଞ୍ଚ ନିଗମାନନ୍ଦ ସାହୁଙ୍କ ସମେତ ୯ଟି ୱାର୍ଡର ୱାର୍ଡମେମ୍ବର, ପୂର୍ବତନ ସରପଞ୍ଚ ମଧୁସୂଦନ ପଣ୍ଡା ଓ ସେମାନଙ୍କ ଶତାଧିକ ସମର୍ଥକ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ରାଉତରାୟ ଓ ବିଧାୟକ ରାଉତରାୟ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ବକ୍ତବ୍ୟ ଓ ଯୋଗେନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସମିତିସଭ୍ୟ କମଳାକାନ୍ତ ବେହେରା, ହରେକୃଷ୍ଣ ସାହୁ ଓ ରତିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ

# ନିମ୍ନମାନର ରାସ୍ତା କାମ ନେଇ ଭିଡିଓ ଭାଇରାଲ

ବଡ଼ସାହି,୧।୯(ସ୍ୱ.ପ୍ର)–

ବଡ଼ସାହି ବ୍ଲକ ଅଧୀନ ପାଉଁଶିଆ ପଞ୍ଚାୟତ ବାଘୁଆପାଳ ଗ୍ରାମଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ଚାଲିଥିବା ପକ୍କା ସଡ଼କ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଠିକ୍ ପରିମାଣର ସିମେଣ୍ଟ ଓ ଚିପ୍ସ ଦିଆ ନ ଯାଇ ବାଲି ପରିମାଣକୁ ବୃଦ୍ଧି କରାଯାଇ ରାସ୍ତାକାମ ଚାଲୁଥିବା ଉକ୍ତ ଭିଡିଓରୁ ଜଣାଯାଇଛି। ଅଭିଯୋଗ ଅନୁଯାୟୀ, ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡ଼ି) ଅଧୀନରେ ଚାଲିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବାଘୁଆପାଳଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ୮ କି.ମି. ୬ ମିଟର ରାସ୍ତା ପାଇଁ ୩ କୋଟି ୮ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି । ଏହାର ଚୁକ୍ତି ଅବଧି ୫ବର୍ଷ ରହିଥିବା ବେଳେ ରକ୍ଷଣାବେକ୍ଷଣ ପାଇଁ ୨୧ଲକ୍ଷ ୩୭ ହଜାର ଟଙ୍କା ରହିଛି। ଠିକାଦାରଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉ ନ ଥିବା ଜଣାଯାଇଛି। ରାସ୍ତା ଉପରେ ସାଢ଼େ ୬ ଇଞ୍ଚର ପକ୍କା ଢଳେଇ ହେବାର ନିୟମ ଥିବା ବେଳେ ଠିକାଦାର ୪ରୁ ୫ ଇଞ୍ଚ ମଧ୍ୟରେ କରୁଛନ୍ତି। ଢଳେଇରେ ୨୦ ଏମ୍‌ଏମ୍ ଚିପ୍ସ ଦେବା ସ୍ଥାନରେ ୧୦ ଏମ୍‌ଏମରେ କାମ ହେଉଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ୨ଫୁଟ ଗଭୀର ମଧ୍ୟରୁ କଂକ୍ରିଟ ନିର୍ମାଣ କରିବାକୁ ଥିବା ବେଳେ ମାତ୍ର ୬ ଇଞ୍ଚର ୱାଲ୍ ନିର୍ମାଣ କରାଯାଉଛି। କମ୍ ପରିମାଣର ସିମେଣ୍ଟ ଦେଇ ଅଧିକ ମାତ୍ରାରେ ବାଲି ମିଶାଇ କାର୍ଯ୍ୟ କରାଯାଉଥିବା ଭାଇରାଲ ଭିଡିଓରୁ ଜଣାପଡିଛି । ବିଭାଗୀୟ କେତେକ ଅଧିକାରୀଙ୍କ ସଲାସୁତରାରେ ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସମିତି ସଭ୍ୟ ପ୍ରକାଶ କରମହାପାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ନିର୍ମାଣ କାର୍ଯ୍ୟର ତଦନ୍ତ କରିବେ ବୋଲି କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ଦାବି ହେଉଛି ।

# ଏମ୍‌ବିଏ ଛାତ୍ରୀ ୨ ଲକ୍ଷ ଠକାମିର ଶିକାର

ବିଶୋଇ,୧।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଏମବିଏ ଛାତ୍ରୀ ତାଙ୍କ ସହପାଠୀଙ୍କ ଦ୍ୱାରା ୨ ଲକ୍ଷ ଟଙ୍କା ଠକାମୀର ଶିକାର ହୋଇଥିବା ନେଇ ବିଶୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଛାତ୍ରୀଙ୍କ ସ୍କୁଲବେଳର ଜଣେ ସହପାଠୀ ଇ-କମର୍ସ ବିଜନେସ କରୁଥିବାରୁ ଏଥିରେ ୨ ଲକ୍ଷ ଟଙ୍କା ବିନିଯୋଗ କଲେ ବିପୁଳ ଲାଭ ପାଇବା ନେଇ ସେ ଛାତ୍ରୀଙ୍କୁ ପ୍ରଲୋଭିତ କରିଥିଲେ। ଛାତ୍ରୀ ଜଣକ ନିଯୁକ୍ତି ଓ ରୋଜଗାର ଆଶାରେ ସହପାଠୀଙ୍କ ନାମରେ ୨ ଲକ୍ଷ ଟଙ୍କାର ଚେକ୍ କାଟି ଦେଇଥିଲେ। କିନ୍ତୁ ଏହାପରେ ସହପାଠୀ ଜଣକ ବିଜନେସ କଥାକୁ କିଛି ନା କିଛି କାରଣ ଦର୍ଶାଇ ଆଡେଇ ଚାଲିଥିଲେ। ସହପାଠୀ ଜଣକ ଯେଉଁ ଇ-କମର୍ସ କମ୍ପାନୀର ଅନଲାଇନ ଡାଇରେକ୍ଟ ସେଲିଂ ପ୍ରଡକ୍ଟର ବିଜନେସ କଥା କହୁଥିଲେ ତାହା ୨୦୧୦ରୁ ଏକ ଜାଲ୍ କମ୍ପାନୀ ଭାବେ ବ୍ଲାକ ଲିଷ୍ଟେଡ଼ ହୋଇ ବନ୍ଦ ହୋଇଯାଇଥିବା ଛାତ୍ରୀ ଜଣକ ଜାଣିବାକୁ ପାଇ ସହପାଠୀଙ୍କୁ ତୁରନ୍ତ ଟଙ୍କା ଫେରସ୍ତ କରିବାକୁ କହିଥିଲେ। କିନ୍ତୁ ସେ ଆଉ ଧରାଛୁଆଁ ନ ଦେବାରୁ ଶେଷରେ ଛାତ୍ରୀ ଜଣକ ବାଧ୍ୟ ହୋଇ ବିଶୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୫୯/୧୯) ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି।

# ୬ରେ କଳା ଦିବସ ପାଳିବ କୁଡୁମୀ ସେନା

ବାରିପଦା ଅଫିସ,୧।୯

୧୯୫୦ ସେପ୍ଟେମ୍ବର ୬ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁଡୁମୀ ଜାତିକୁ ଜନଜାତି ତାଲିକାରୁ ବାଦ ଦିଆଯାଇଥିଲା ।

ଏହାର ପ୍ରତିବାଦରେ ବିଗତ ଦିନରେ ଏହି ଦିବସକୁ କଳା ଦିବସ ରୂପେ ପାଳନ କରାଯାଉଥିବା ବେଳେ ସମଗ୍ର ରାଜ୍ୟରେ ଆସନ୍ତା ୬ ତାରିଖରେ କୁଡୁମୀ ସେନା ପକ୍ଷରୁ କଳା ଦିବସ ରୂପେ ପାଳନ କରାଯିବ ବୋଲି ରାଜ୍ୟ ସଭାପତି ଜୈମୁନି ମହାନ୍ତ ବାରିପଦାଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ପ୍ରତି ଜିଲାର ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ସେ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦାଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହିତ କପ୍ତିପଦା, ବାମନଘାଟୀ ଓ ପାଞ୍ଚପୀଢ ଉପଖଣ୍ଡରେ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଦିଲୀରେ ଏକତ୍ରିତ ହୋଇ ପ୍ରତିବାଦ ସଭା ସହ ବିକ୍ଷୋଭ କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ଓଡ଼ିଶାର ୯ ଟି ଜିଲାରେ ଥିବା କୁଡୁମୀ ଭଉଣୀଭାଇମାନେ ଏହି ଲଢେଇରେ ସାମିଲ ହେବା ପାଇଁ ସେ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଦିବ୍ୟସିଂହ ମହାନ୍ତ, ଜିଲା ସଭାପତି ଦୁର୍ଗା ଚରଣ ମହାନ୍ତ, ଡମ୍ବରୁଧର ମହାନ୍ତ, ଜିଲା ମହିଳା ସଭାପତି ସବିତା ମହାନ୍ତ, ଜଗଦୀଶ ମହାନ୍ତ, ବିବେକାନନ୍ଦ ମହାନ୍ତ, ମହେନ୍ଦ୍ର ମହାନ୍ତ, ସମନାଥ ମହାନ୍ତ, ନବକିଶୋର ମହାନ୍ତ ଓ ସୂର୍ଯ୍ୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ।

■୫-ଟି ସୂତ୍ର ଆଧାରିତ କାର୍ଯ୍ୟକ୍ରମ ନେଇ ବୈଠକ

# ଯତ୍ନବାନ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ବାରିପଦା ଅଫିସ,୧।୯

ରାଜ୍ୟର ସମସ୍ତ ବିଭାଗ,କାର୍ଯ୍ୟାଳୟ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ସଫଳତାର ସହ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଆଭିମୁଖ୍ୟ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ୫-ଟି କାର୍ଯ୍ୟକ୍ରମ (ଟିମ୍‌ୱାର୍କ, ଟାନ୍ସପ୍ୟାରେନ୍ସି, ଟେକ୍ନୋଲୋଜି, ଟାଇମ୍ ଓ ଟ୍ରାନ୍ସଫରମେସନ) କାର୍ଯ୍ୟକାରୀ କରାଯାଇଛି। ଏହାର କାର୍ଯ୍ୟକାରିତା ପାଇଁ ଜିଲାସ୍ତରରେ ଥିବା ସମସ୍ତ ସରକାରୀ ବିଭାଗ, କାର୍ଯ୍ୟାଳୟରେ ସଠିକ୍ ଉପଯୋଗ କରି ବିଭାଗୀୟ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ନେଇ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗ ଦେଇଥିଲେ। ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗଗୁଡିକର ତ୍ୱରୀତ ସମାଧାନ କରାଯିବା, ପ୍ରତ୍ୟେକ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ସବୁ ଦିନ ଅଭିଯୋଗ ଗ୍ରହଣ କରାଯିବା, ସିଙ୍ଗିଲୱିଣ୍ଡୋ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ଜଣେ ନୋଡାଲ୍ ଅଧିକାରୀଙ୍କ ଦାୟିତ୍ୱରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।


ବୈଠକରେ ଉପସ୍ଥିତ ଅତିଥିମାନେ ।

କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଇ ସମସ୍ତ ସରକାରୀ ସେବା ଲୋକମାନଙ୍କ ନିକଟରେ ପହଞ୍ଚାଇବା ଲାଗି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟଜଳ, କୃଷି, ଉଦ୍ୟାନ କୃଷି, ସମବାୟ, ସମାଜମଙ୍ଗଳ, ସାମାଜିକ ସୁରକ୍ଷା, ସାଧାରଣ ଯୋଗାଣ, ବ୍ଲକ ତହସିଲ, ରାଜସ୍ୱ, ଜଙ୍ଗଲ, ଜିଲା ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ନିର୍ମାଣ, ଜିଲା ପଞ୍ଚାୟତ, ଶ୍ରମ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟାଳୟରେ ଲୋକମାନଙ୍କୁ ତ୍ୱରିତ ସେବା ପ୍ରଦାନ ପାଇଁ ଗୁରୁତ୍ୱାରୋପ କରି କାର୍ଯ୍ୟାନ୍ୱୟନ ସମ୍ପର୍କରେ ସବିଶେଷ କାର୍ଯ୍ୟସୂଚୀ ବିବରଣୀ ଜିଲା ପ୍ରଶାସନ ନିକଟକୁ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାଆରକ୍ଷୀ ଅଧୀକ୍ଷକ ପରମାର୍ ସ୍ମିଥ ପୁରୋଷତ୍ତମ ଦାସ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା 'ମୋ ସରକାର' କାର୍ଯ୍ୟକ୍ରମକୁ ଜିଲାର ସମସ୍ତ ଥାନାରେ ହେଲ୍ପ ଡେକ୍ସ ତ୍ୱରାନ୍ୱିତ କରାଯାଇ ଲୋକମାନଙ୍କୁ ସେବା ଯୋଗାଇବା ଦିଗରେ ୫ ଟି ସୂତ୍ର ଅଧାରରେ କାର୍ଯ୍ୟକ୍ରମ ଲୋକାଭିମୂଖୀ କରାଯିବ ବୋଲି ସୂଚାଇଥିଲେ। ସେହିପରି ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲ୍ଲିକ ଜିଲାରେ ଜଙ୍ଗଲ ସୁରକ୍ଷା ଏବଂ ହାତୀ ଦ୍ୱାରା ଲୋକମାନଙ୍କ ଗୃହ, ଫସଲ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ଗ୍ରହଣ ପ୍ରତି ଧ୍ୟାନ ଦିଆଯାଇ ବିଭାଗୀୟ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ନାୟକ ଜିଲା ଗସ୍ତରେ ଆସି ଏହି ବୈଠକରେ ଯୋଗଦେଇ ୫ ଟି ଅଧାରରେ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିବା ୫ ଟି ସୂତ୍ରର କାର୍ଯ୍ୟକାରୀ ଅଗ୍ରଗତି ତଥା କାର୍ଯ୍ୟ ରୂପାୟନ ସମ୍ପର୍କରେ ତଥା ଆସନ୍ତା ଅକ୍ଟୋବର ମାସରୁ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଆଦି ଅତ୍ୟାବଶ୍ୟକ ସେବା ବ୍ୟବସ୍ଥା ସମ୍ପର୍କରେ ସିଧାସଳଖ ହିତାଧିକାରୀମାନଙ୍କଠାରୁ ପଚାରି ବୁଝିବେ ବୋଲି ଜଣାଯାଇଛି। ଏଥିପାଇଁ ପ୍ରତ୍ୟେକ ବିଭାଗ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଜିଲାପାଳ ଗୁରୁତ୍ୱରୋପ କରିଥିଲେ।

## ସଂକ୍ଷେପରେ

### ହାତୀ ଭୟ: ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

**କେନ୍ଦୁଝର,୧।୯ (ସ୍ୱ.ପ୍ର.):** ହାତୀ ଭୟ ଯୋଗୁ ଜଣେ ବାଇକ ଆରୋହୀ ଭାରସାମ୍ୟ ହରାଇଗଛରେ ପିଟିହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ବ୍ଲକ ପୋଟଳ ଗ୍ରାମର ନଟବର ଦାଶ। ଶନିବାର ରାତିରେ ସେ ହାତୀ ପଲଙ୍କ ସହ ସାମ୍ନାସାମ୍ନି ହେବାରୁ ଭୟରେ ଦ୍ରୁତ ଗତିରେ ବାଇକ ଚଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଭାରସାମ୍ୟ ହରାଇ ବସିବାରୁ ଏଭଳି ଦୁର୍ଘଟଣା ଘଟିଛି। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଟଳ ଗାଁ ନିକଟରେ ଏବେ ୯ ଟି ହାତୀ ଘୂରି ବୁଲୁଛନ୍ତି। ଏହି ହାତୀପଲର ଉପଦ୍ରବ ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନଟବରଙ୍କ ମୃତ୍ୟୁରେ ଗାଁରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି।

### କୂଅରେ ପଡି ୫ବର୍ଷର ନାବାଳିକା ମୃତ

**ଚମ୍ପୁଆ,୧।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଟିମିଳା ଗ୍ରାମର ମୁଣ୍ଡାସାହିଠାରେ ଦୀପାଳି ନାମ୍ନୀ ୫ ବର୍ଷର ନାବାଳିକା ଏକ ଖୋଲା କୂଅରେ ପଡି ପ୍ରାଣ ହରାଇଛନ୍ତି। ଶନିବାର ଦୀପାଳିଙ୍କ ମା' ସ୍ୱପ୍ନା ଚାତାର ଦିନମଜୁରି ଲାଗିବାକୁ ଯାଇଥିବା ବେଳେ ଦିପାଳି ଘରେ ରହିଥିଲେ। ସେ ଘର ନିକଟରେ ଖେଳୁଥିବା ବେଳେ ଖୋଲା କୂଅରେ ପଡିଯାଇଥିବା ସନ୍ଦେହ କରାଯାଇଛି। ରାତିରେ ଲୋକେ ଖୋଜାଖୋଜି କରି କିଛି ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ କୂଅ ନିକଟକୁ ଯାଇଥିବା ବେଳେ ସେଠାରେ ଦିପାଳୀଙ୍କ ଶବ ଭାସୁଥିବା ଦେଖିବାକୁ ପାଇଥିଲେ । ଏ ନେଇ ଚମ୍ପୁଆ ଥାନାକୁ ଖବର ଦେବା ପରେ ପୋଲିସ ଯାଇ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ତଦନ୍ତକାରୀ ଅଫିସର ସ୍ୱରୁପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ଗାଡିଆରେ ବୁଡି ନାବାଳିକାଙ୍କ ମୃତ୍ୟୁ

**ସୋର, ୧।୯(ଡି.ଏନ.ଏ.):** ସୋର ଥାନା ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମରେ ରବିବାର ସକାଳେ ଜଣେ ନାବାଳିକା ପୋଖରୀରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ଭାବଗ୍ରାହୀ ଦାସଙ୍କ ଝିଅ ନିରୂପମା(୧୧) ସବୁଦିନ ଭଳି ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗର ତଦନ୍ତ

**ପଦ୍ମପୁର, ୧।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମେଦର ପାଇକସାହି ନିକଟସ୍ଥ ରାସ୍ତାପାର୍ଶ୍ୱ ନୟନଯୋରିରୁ ଉଦ୍ଧାର ମୃତା ଯୁବତୀଙ୍କ ପରିଚୟ ମିଳିବା ପରେ ଶନିବାର ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ଏକ ମାମଲା(ନଂ.୩୯୦/୧୯) ରୁଜୁ ହୋଇଛି। ତାଙ୍କ ଝିଅଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ତିହିଡି ଥାନାଧିକାରୀ ରମେଶ ଚନ୍ଦ୍ର ସିଂ ପାଇକସାହି ଛକ ନିକଟ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସେ ପାରିପାର୍ଶ୍ୱିକ ଅବସ୍ଥିତି, ଘଟଣାର ସ୍ଥାନ, ସମୟ ଅନୁଧ୍ୟାନ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ଜମାନବନ୍ଦୀ ନେଇଛନ୍ତି। ନାୟକାଣିଡିହୀ ଥାନା ହାବିଲଦାର ପର୍ଶୁରାମ କବି ଘଟଣାସ୍ଥଳରେ ଉପସ୍ଥିତ ରହି ଥାନାଧିକାରୀଙ୍କୁ ତଦନ୍ତରେ ସହଯୋଗ କରିଥିଲେ। ଖୁବ୍‌ଶୀଘ୍ର ଘଟଣାର ତଦନ୍ତପୂର୍ବକ ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯିବ ବୋଲି ଥାନାଧିକାରୀ ସିଂ ସୂଚନା ଦେଇଛନ୍ତି।

## ଚୋରାମଦ ବିକ୍ରି ବନ୍ଦ ପାଇଁ ଆନ୍ଦୋଳନ

# ରାସ୍ତାରେ ଶୋଇ ମହିଳାଙ୍କ ପ୍ରତିବାଦ

**ବାସୁଦେବପୁର, ୧।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚୂଡାମଣି–ଇରମ ରାସ୍ତାର ଇରମ ନିକଟସ୍ଥ ସାଇମନ୍ଦିର ସାମ୍ନାରେ ରବିବାର କେତେକ ଗ୍ରାମବାସୀ ଓ ମହିଳା ଚୋରାମଦ ବିକ୍ରି ବନ୍ଦ ଦାବିରେ ରାସ୍ତାରୋକୋ କରିଥିଲେ। କେତେକ ଗ୍ରାମବାସୀ ମୁଖ୍ୟରାସ୍ତାରେ ବାଡ଼ ବସାଇ ଅବରୋଧ କରିଥିବା ବେଳେ ଜୟନ୍ତୀ ଦାସ ନାୟକ ନାମ୍ନୀ ଜଣେ ମହିଳା ରାସ୍ତାରେ ଶୋଇ ପ୍ରତିବାଦ ଜଣାଇଥିଲେ। ରାସ୍ତାରୋକୋ ଯୋଗୁ ଚୂଡାମଣି–ଇରମ ରାସ୍ତାରେ ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହିଥିଲା। ଅଡୁଆଁ ଓ ଇରମ ଅଞ୍ଚଳରେ ବ୍ୟାପକ ଚୋରାମଦ ବିକ୍ରି ହେଉଥିବାରୁ ଗାଁ ଗହଳିରେ ସବୁବେଳେ ଅପ୍ରୀତିକର ପରିବେଶ ସୃଷ୍ଟି ହେଉଥିବା ସହିତ ବିଭିନ୍ନ ସମୟରେ ମଦ୍ୟପଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇପଡୁଛନ୍ତି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଖବର ପାଇ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ମହିଳା ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇଥିଲା। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅବାଧରେ ଚୋରାମଦ କାରବାର ଚାଲିଥିବାବେଳେ ଅବକାରୀ ବିଭାଗ ଓ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ।



ଚୋରା ମଦ ବିକ୍ରି ବନ୍ଦ ଦାବିରେ ରାସ୍ତାରୋକୋ କରାଯାଇଛି।

# ଜେଲରୁ ମୁକୁଳିଲେ ଗର୍ଭବତୀ

## ସହଯୋଗର ହାତ ବଢାଇଲେ ଉପକାରାଗାର ମୁଖ୍ୟ

**ଚମ୍ପୁଆ,୧।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଉପକାରାଗାରରେ ରହୁଥିବା ଝାଡ଼ଖଣ୍ଡ ଜୟନ୍ତୀଗଡ ଅଞ୍ଚଳର ଆଦିତ୍ୟ ସିର୍କା ନାମ୍ନୀ ଜଣେ ୮ ମାସର ଗର୍ଭବତୀ ମହିଳାଙ୍କୁ ଶନିବାର ଜାମିନ୍ ଦିଆଯାଇଛି। ୬ ବର୍ଷ ତଳେ ପରିବାର ଲୋକଙ୍କ ଇଚ୍ଛା ବିରୋଧରେ ସେ କେନ୍ଦୁଝର ଜିଲା ବଲାଣୀ ଅଞ୍ଚଳର ବିଜୟ ମୁଣ୍ଡାଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଏକ ଆପରାଧିକ ମାମଲାରେ ଛନ୍ଦି ହୋଇ ପଡିବାରୁ ତାଙ୍କୁ ଜେଲ ଭୋଗିବାକୁ ପଡିଥିଲା। ସେ ୨ବର୍ଷର ଏକ ଶିଶପୁତ୍ର ସହ ପ୍ରଥମେ ବଡବିଲ ଜେଲ୍‌ରେ ରହିଥିଲେ। ଗତ ୨୬ ତାରିଖରେ ଚମ୍ପୁଆ ଜେଲକୁ ସ୍ଥାନାନ୍ତରିତ ହୋଇଥିଲେ। ମାସକ ତଳେ ଅତିରିକ୍ତ ଜିଲା ଦୌରାଜଜ ତାଙ୍କୁ ଜାମିନ ପ୍ରଦାନ କରିଥିଲେ ମଧ୍ୟ ଟଙ୍କା ଓ ଜାମିନଦାର ନଥିବାରୁ ସେ ମୁକୁଳି ପାରି ନ ଥିଲେ। ଆଦିତ୍ୟ ଗର୍ଭବତୀ ଥିବା ଜାଣି ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ କୁଦାଦା ପ୍ରଥମେ ଏ ନେଇ ତାଲୁକ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ଆଇନ ସେବା ସହାୟତା ପକ୍ଷରୁ ଜଣେ ସ୍ୱତନ୍ତ୍ର ଓକିଲ ନିଯୁକ୍ତି ଦିଆଯାଇଥିଲା। ଏ ନେଇ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ୩ ହଜାର ଟଙ୍କା ଦେବା ସହ ଜାମିନଦାର ଯୋଗାଡରେ କରିଥିଲେ। ଆଇନ ଅନୁଯାୟୀ ସମସ୍ତ କାଗଜପତ୍ର ସରିବା ପରେ ଆଦିତ୍ୟ ଶନିବାର ସନ୍ଧ୍ୟାରେ ଜେଲରୁ ମୁକୁଳିଛନ୍ତି। ଚମ୍ପୁଆ ଏସଡିଏମଓଙ୍କ ସହଯୋଗ କ୍ରମେ ସେ ଚମ୍ପୁଆ ଡାକ୍ତରଖାନାରେ ଥିବା ମା' ଘରେ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି।

# ପଥରରେ କଚାଡ଼ି ୧୮ ବର୍ଷର ଯୁବକଙ୍କୁ ହତ୍ୟା

**ଝୁମ୍ପୁରା, ୧।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ମଲଦା ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ୧୮ ବର୍ଷର ଜଣେ ଯୁବକଙ୍କୁ ରବିବାର ଅପରାହ୍ନରେ ପଥରରେ ଛେଚି ହତ୍ୟା କରାଯାଇଛି। ଘରୋଇ କଳିକୁ କେନ୍ଦ୍ର କରି ଏଭଳି ଅଭାବନୀୟ କାଣ୍ଡ ଘଟିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ବାମେବାରୀ ଥାନା ଅଧିକାରୀ ପରେଶ ମହାନ୍ତି ଘଟଣାସ୍ଥଳରେ ପହଁଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତକ ହେଲେ ନାରଣ ମହାନ୍ତଙ୍କ ସାନପୁଅ ପିତାମ୍ବର ମହାନ୍ତ। ଘଟଣାସ୍ଥଳରୁ ରକ୍ତଲଗା ପଥର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୩/୧୯) ରୁଜୁ କରାଯାଇଛି। ହତ୍ୟାକାଣ୍ଡ ଘଟିଥିବା ଗାଁ ଥାନାଠାରୁ ୧୫ କି.ମି. ଦୂର ଏବଂ ଜଙ୍ଗଲ ଇଲାକାରେ ଥିବାରୁ ପୋଲିସ ମୃତଦେହକୁ ଜଗି ରହିଛି। ସୋମବାର ସକାଳେ ମୃତଦେହକୁ ଆଣି ବ୍ୟବଚ୍ଛେଦ କରାଯିବ।

**ପାରିବାରିକ କଳହର ଦୁଃଖଦ ପରିଣତି**

ଥାନା ଅଧିକାରୀ ମହାନ୍ତି ଦେଇଥିବା ସୂଚନା ଅନୁଯାୟୀ ମୃତ ପିତାମ୍ବରଙ୍କ ପିତା ନାରଣ ମହାନ୍ତଙ୍କର ୩ ସ୍ତ୍ରୀ ରହିଛନ୍ତି। ତାଙ୍କ ସାନ ସ୍ତ୍ରୀଙ୍କର ସାନପୁଅ ପିତାମ୍ବର। କିଭଳି ପରିସ୍ଥିତିରେ ତାଙ୍କୁ ପଥରରେ କଚାଡି ହତ୍ୟା କରାଗଲା, ସେ ନେଇ ତଦନ୍ତ ଚାଲିଛି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ଏହି ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଏନେଇ ଅନେକ ଥର ବାମେବାରୀ ଥାନାରେ ଏତଲା ହୋଇଛି। ତେବେ ରବିବାର ଘଟିଥିବା ବିଭତ୍ସ ହତ୍ୟା ଘଟଣା ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏଭଳି ସ୍ଥିତିରେ ପୋଲିସ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ନିଜ ହେପାଜତରେ ରଖିଥିବା କହିଛି।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ହତ୍ୟା ସନ୍ଦେହରେ ୨ ଅଟକ

**ବେତନଟୀ,୧।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଞ୍ଚଳର ସରୁଶୋଳ ଗ୍ରାମ ରାସ୍ତାକଡ଼ରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ଗୋପୀନାଥ ନାଏକ (୩୫)। ତାଙ୍କ ଘର ଏହି ଫାଣ୍ଡି ଅଧୀନ ହାଟଡିହି ଗ୍ରାମରେ ବୋଲି ସୂଚନା ମିଳିଛି। ଗୋପୀନାଥଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ତାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ଏଥିନେଇ ପୋଲିସ ଏକ ମାମଲା(ନଂ.୧୪୦/୧୯) ରୁଜୁକରି ୨ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଗୋପୀନାଥ ଶନିବାର ରାତିରେ ସ୍ଥାନୀୟ ୩ ଜଣ ଯୁବକଙ୍କ ସହିତ ହାଟଡିହିରୁ ସରୁଶୋଳ ଗ୍ରାମକୁ ଯାଇଥିଲେ। ମାତ୍ର ରାତିରେ ସେ ଘରକୁ ଫେରି ନ ଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ସରୁଶୋଳ ଗ୍ରାମ୍ୟ ରାସ୍ତାକଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ବେତନଟୀ ଉପଖଣ୍ଡ ପୋଲିସ ଅଧିକାରୀ ଲଳିତ୍ ପଟ୍ଟନାୟକ, ଥାନା ଅଧିକାରୀ ପର୍ଶୁରାମ ସାହୁ, କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ରଣଜିତ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଶନିବାର ରାତିରେ ଗୋପୀନାଥଙ୍କ ସହ ଯାଇଥିବା ୩ ଯୁବକଙ୍କ ମଧ୍ୟରୁ ୨ ଜଣଙ୍କୁ ବେତନଟୀ ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି।

## ଭଦ୍ରକରେ ମତ୍ସ୍ୟଚାଷ ଉନ୍ନୟନ ନିଗମ ଅଧ୍ୟକ୍ଷ

# ମତ୍ସ୍ୟ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ



ଖବରଦାତା ସମ୍ମିଳନୀରେ ମତ୍ସ୍ୟଚାଷ ଉନ୍ନୟନ ନିଗମ ଅଧ୍ୟକ୍ଷ ଅସିତ୍ ପଟ୍ଟନାୟକ (ବାମରୁ ତୃତୀୟ) ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧।୯**

ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମର ନୂତନ ଅଧ୍ୟକ୍ଷ ଭାବେ ବିଜେଡିର ଯୁବନେତା ଅସିତ ପଟ୍ଟନାୟକ ଦାୟିତ୍ୱ ନେବା ପରେ ରବିବାର ଭଦ୍ରକ ଗସ୍ତ କରିଥିଲେ। ବିଜେଡିର ବହୁ ନେତା ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ଭଦ୍ରକସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନବନିଯୁକ୍ତ ଅଧ୍ୟକ୍ଷ ଅସିତ୍ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଡ଼ୋଶୀ ରାଜ୍ୟ ଆନ୍ଧ୍ରଠାରୁ ଯେଭଳି ମାଛ ଆମଦାନୀ କରା ନ ଯାଇ ଓଡ଼ିଶାରେ ମତ୍ସ୍ୟ ଚାଷୀଙ୍କୁ ଉତ୍ସାହିତ କରାଯାଇ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବେ। ଜିଲାର ଏକମାତ୍ର ସରମଙ୍ଗା ଜାଆଁଳ ଉତ୍ପାଦନ କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରାଯାଇ ବ୍ୟବସାୟିକ ଭିତ୍ତିରେ ଯେଭଳି ଜାଆଁଳ ଉତ୍ପାଦନ ହେବ ଓ ମଧୁର ଜଳ ମାଛ ଉତ୍ପାଦନ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ। ମତ୍ସ୍ୟ ନିଗମକୁ ଅଧିକ ଗୁରୁତ୍ୱ ଦେଇ ଉନ୍ନତି ପ୍ରତି ଧ୍ୟାନ ଦେବେ। ଏଥିସହିତ ମତ୍ସ୍ୟ ଚାଷୀଙ୍କ ପାଇଁ ବ୍ୟାଙ୍କ ଋଣଠାରୁ ଆରମ୍ଭ କରି ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଆଗକୁ ମତ୍ସ୍ୟଚାଷ ପ୍ରତି ଯୁବକମାନେ କିଭଳି ଆଗ୍ରହୀ ହେବେ ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ଶରତ ସ୍ୱାଇଁ, ପୂର୍ବତନ ପୌରାଞ୍ଚଳ ଉପାଧ୍ୟକ୍ଷା କୌସରା ବେଗମ୍ ଓ ସରମଙ୍ଗା ଜାଆଁଳ ଉତ୍ପାଦନ କେନ୍ଦ୍ର ପରିଚାଳକ ବିକାଶ ପଣ୍ଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଚୋରା କାଠ ବୋଝେଇ ପିକ୍‌ଅପ୍ ଜବତ

**ସୋର, ୧।୯(ଡି.ଏନ.ଏ.)**

ସୋର–କୁପାରୀ ରାସ୍ତାରେ ରବିବାର ସକାଳେ ଏକ ପିକଅପ୍‌ରେ କାଠ ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ବେଳେ ସୋର ପୋଲିସ ଚଢାଉ କରି ପିକ୍‌ଅପ୍‌କୁ ଜବତ କରିଛି। ଉକ୍ତ ଗାଡିକୁ ପୋଲିସ ଔପଦା ବନବିଭାଗକୁ ହସ୍ତାନ୍ତର କରିଛି। ଏହି ପିକ୍‌ଅପ୍ (ନଂ.ଓଆର୦୧ଏମ୍–୭୫୮୧) କାଠ ବୋଝେଇ କରି ସୋର ତହସିଲ ସାମ୍ନା କରତକଳକୁ ଆସୁଥିବା ଗାଡ଼ିର ଚାଳକ କହିଛନ୍ତି। ଜବତ କାଠର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବିଭିନ୍ନ ସମୟରେ ଏହି କରତକଳକୁ ଚୋରାକାଠ ବୋଝେଇ ହୋଇ ଆସୁଥିବା ଅଭିଯୋଗ ହେଉଥିଲା।

# କାରାଗାର ନିକଟରୁ ଲୁଟ୍: ୩ ଗିରଫ

**ଆନନ୍ଦପୁର,୧। ୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଉପକାରାଗାର ନିକଟରେ ୩ଜଣ ଦୁର୍ବୃତ୍ତ ଶନିବାର ରାତିରେ ପଣ୍ଡାପଡା ଅଞ୍ଚଳର ପ୍ରଶାନ୍ତ କୁମାର ସିଂହ ଓ ତାଙ୍କ ଶାଳକ ସତ୍ୟବ୍ରତ ନାୟକଙ୍କୁ ବାଇକ୍‌ରେ ଯାଉଥିବା ବେଳେ ମାରଣାସ୍ତ୍ର ଦେଖାଇ ଟଙ୍କା, ମୋବାଇଲ ଲୁଟିନେଇଥିଲେ। ଆନନ୍ଦପୁର ପୋଲିସ ଧରପଗଡ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଦୀପକ ଜେନା, ରଞ୍ଜିତ ସେଠୀ ଓରଫ କାହ୍ନୁ, ଦିନବନ୍ଧୁ ଦାସ ଓରଫ ମଙ୍ଗୁଳ। ୩ ଅଭିଯୁକ୍ତ ଛଡ଼ାଛଡ଼ି କରୁଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ଫେରାର ହୋଇଯାଇଥିଲେ। ପ୍ରଶାନ୍ତ ଏ ନେଇ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୬/୧୯) ରୁଜୁ କରି ତନାଘନା କରିଥିଲା।

# ହଜିଯାଉଛି କୌଳିକ ବୃତ୍ତି

**ପାଟଣା,୧।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଦୁର୍ଗାଦେଇପୁରର ବେହେରା ସାହି ଓ ଟାଇଁଶିରା ବେହେରା ସାହିର ଲୋକେ ଆଜି ବି ପାରମ୍ପରିକ ବୃତ୍ତି ଆପଣାଇ ବାଉଁଶରୁ ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରୁଛନ୍ତି। ସେମାନେ ମୁଖ୍ୟତଃ କୁଲା ,ଡଲା, ପାଛିଆ,ଠେକା,ପସରା, ବିଞ୍ଚଣା ଓ ଫୁଲଚାଙ୍ଗୁଡ଼ି ତିଆରି କରି ବିକିଥାନ୍ତି। ସମୟର ପରିବର୍ତ୍ତନ ସାଙ୍ଗକୁ କଞ୍ଚାମାଲ ଓ ବଜାର ସୁବିଧାର ଅଭାବ ସେମାନଙ୍କ ଦାନାପାଣିରେ ବାଧକ ସାଜିଛି। କୌଣସି ସ୍ତରରୁ ସେମାନେ ପ୍ରୋତ୍ସାହନ ନ ପାଇ ଏବେ ଘୋର ଦୁର୍ଦ୍ଦିନରେ ଦିନ ବିତାଉଛନ୍ତି। ଅର୍ଥନୈତିକ କ୍ଷେତ୍ରରେ ପଛୁଆ ତଥା ଅବହେଳିତ ଏହି ଜନଜାତି ସମ୍ପ୍ରଦାୟର ଲୋକେ ଏବେ ବୃତ୍ତିହରା ହୋଇ ବଞ୍ଚିବା ଲାଗି ସଂଘର୍ଷ କରୁଛନ୍ତି।

ବେହେରା ସାହି ଓ ଟାଇଁଶିରା ବେହେରା ସାହିରେ ଏହି ସମ୍ପ୍ରଦାୟର ୧୫ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ସେମାନଙ୍କ ନିକଟରେ କୌଣସି ସରକାରୀ ଯୋଜନାର ସୁଫଳ ପହଞ୍ଚି ପାରି ନାହିଁ। ବ୍ଲକ କାର୍ଯ୍ୟାଳୟର ଅନତି ଦୂରରେ ଥିବା ଏହି ଅଞ୍ଚଳରେ ମଧ ବିକାଶଧାରା ପହଞ୍ଚି ପାରିନି । ଦ୍ୱୀପ ତଳ ଅନ୍ଧାର ଭଳି ସେମାନଙ୍କ ଅବସ୍ଥା ହୋଇଥିବା ଗ୍ରାମବାସୀ କହିଛନ୍ତି । ଏହି ଗ୍ରାମର ସ୍ୱାମୀ ପରିତ୍ୟକ୍ତା ରୁନି ଓ ଅବିବାହିତା ସୂର୍ଯ୍ୟଙ୍କ ଭଳି ଅସହାୟ ମହିଳା ଭଙ୍ଗା କୁଡ଼ିଆରେ ପଲିଥିନ ଟାଣି କାଳାତିପାତ କରୁଛନ୍ତି। ଆବାସ ଯୋଜନାରେ ଘର ପାଇବାକୁ ଆଶା ରଖି ଦୟନୀୟ ସ୍ଥିତିରେ ଦିନ ବିତାଉଛନ୍ତି। ସେମାନେ ପାରମ୍ପରିକ ବୃତ୍ତିରେ ଧୂରନ୍ଧରା ହୋଇ ଥିଲେ ବି ବଜାର ସୁବିଧା ଅଭାବରୁ ବାଉଁଶରୁ ସାମଗ୍ରୀ ତିଆରି କରିବା ଏକପ୍ରକାର ବନ୍ଦ କରି ଦେଇଛନ୍ତି। ଏହି ବ୍ଲକର କେନ୍ଦେଇ ପଶି, ଏରେଣ୍ଡେଇ, କଣ୍ଟିଆପଡା, ଜଡିଚାତର, ଚିଳିଦା, ପଲାଣିଘାଟି ଓ ଚିନାବାଳିପଶି ଗ୍ରାମରେ ଏହି ସମ୍ପ୍ରଦାୟର ଅବହେଳିତ ଲୋକେ ଅସାସ୍ଥ୍ୟକର ପରିବେଶରେ ଜୀବନ ବିତାଉଛନ୍ତି। ଶିକ୍ଷା ଭଳି ମୌଳିକ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହି ସମ୍ପ୍ରଦାୟର ପୁରୁଖା ଲୋକେ କହିଛନ୍ତି, ଚାଷ ଜମି ନ ଥିବାରୁ ଆମ ଜନଜାତିର ଲେକେ ବାଉଁଶରୁ ବିଭିନ୍ନ ସାମଗ୍ରୀ ତିଆରି ଚ଼ରି ପେଟ ପୋଷୁଥିଲେ। ବର୍ତ୍ତମାନ ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ବୃଦ୍ଧି ଯୋଗୁଁ ବାଉଁଶ ତିଆରି ସାମଗ୍ରୀର ଚାହିଦା ହ୍ରାସ ପାଇବାରେ ଲାଗିଛି। ପ୍ରୋତ୍ସାହନ ଅଭାବରୁ ଏହି ହାତ ତିଆରି କୁଟୀର ଶିଳ୍ପ ରୁଗଣ ହୋଇ ପଡ଼ିଲାଣି। ଏହି ଜନଜାତିର ଲୋକେ ପୂର୍ବରୁ ବିବାହ, ବ୍ରତଘର, ଯାନିଯାତ୍ରା ଓ ଶୋଭାଯାତ୍ରାରେ ଢୋଲ ବଜାଇ ସେଥିରୁ ଯେଉଁ ଦୁଇ ପଇସା ପାଉଥିଲେ, ଗୁଜୁରାଣ ମେଣ୍ଟାଉଥିଲେ। ଦିନକୁ ଦିନ ପାରମ୍ପରିକ ବାଦ୍ୟର ଚାହିଦା କମୁଥିବାରୁ ଏହି ବେପାରରେ ମାନ୍ଦା ଅବସ୍ଥା ଦେଖାଦେଇଛି। ଏଭଳି ସ୍ଥିତିରେ କୌଳିକ ବୃତ୍ତି ହରାଇ ସେମାନେ ଦୁଃଖରେ ରହିଛନ୍ତି।



ଜଣେ ମହିଳା ବାଉଁଶରେ ସାମଗ୍ରୀ ତିଆରି କରୁଛନ୍ତି ।

# ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭଦ୍ରକ ଅଫିସ, ୧।୯**

**ଟୁଇଟ୍ ପରେ ଚାଉଳ ମିଳିବା ଘଟଣା**

ଟୁଇଟ୍ ପରେ ଚାଉଳ ମିଳିବା ଘଟଣାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ରିଟେଲର ଶ୍ରୀଧର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ପକ୍ଷରୁ ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଆସନ୍ତା ୪ ତାରିଖ ମଧ୍ୟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କୁହାଯାଇଛି। ସମ୍ପୃକ୍ତ ରିଟେଲର ଏହି ପଞ୍ଚାୟତର ଅନହରପୁର ଗ୍ରାମର ପାଞ୍ଚାଳୀ ଜେନାଙ୍କୁ ଗତ ୯ ମାସ ଧରି ତାଙ୍କ ରାଶନ ଦେଉ ନ ଥିବା ନେଇ ପାଖ ଗାଁର ସନ୍ତୋଷ ମହାପାତ୍ର ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଥିଲେ। ଟୁଇଟ୍‌ର ଦେଢ଼ଘଣ୍ଟା ମଧ୍ୟରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀ ଓ ବିଡିଓ ଏ ନେଇ ତଦନ୍ତ କରିଥିଲେ। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ସମ୍ପୃକ୍ତ ରିଟେଲର ତରବରିଆ ଭାବେ ହିତାଧିକାରୀ ପାଞ୍ଚାଳୀଙ୍କୁ ଡାକି ୯ ମାସର ଚାଉଳ ଏକକାଳୀନ ଦେଇ ହରଡ଼ଘଣାରେ ପଡ଼ିଥିଲେ। ଏକକାଳୀନ ୯ ମାସର ଚାଉଳ କାହିଁକି ଓ କିପରି ଦେଲେ ତାହାର ତଦନ୍ତ ଆରମ୍ଭ କରିଛି ପ୍ରଶାସନ। ଏପରିକି ୫ ଜଣ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୫ ଯୋଗାଣ ଅଧିକାରୀ ଏହି ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ହିତାଧିକାରୀଙ୍କ ରାଶନ କାର୍ଡ ଯାଞ୍ଚ କରିଥିଲେ। ଯାଞ୍ଚରେ ପାଞ୍ଚାଳୀଙ୍କ ଭଳି ଅନ୍ୟ ଜଣେ ହିତାଧିକାରୀ କାର୍ଡ ଥାଇ ମଧ୍ୟ ରାଶନ ପାଇବାରୁ ବଞ୍ଚିତ ହେଉଥିବା ଅଧିକାରୀଙ୍କ ନଜରକୁ ଆସିଥିଲା। ଏହି ରିପୋର୍ଟ ପରେ ଜିଲାପାଳ ଶନିବାର ସମ୍ପୃକ୍ତ ରିଟେଲରଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ତାଙ୍କ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୁରସ୍କାର ଅର୍ଥରାଶିକୁ ସମାଜ କଲ୍ୟାଣ ପାଇଁ ଦାନ କଲେ

**କେନ୍ଦୁଝର, ୧।୯(ଡି.ଏନ୍.ଏ.)-** କେନ୍ଦୁଝରର ଜଣାଶୁଣା ସମାଜସେବୀ ଏଆର୍ ଖାନ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ଠାରୁ ଶ୍ରେଷ୍ଠ ସମାଜସେବୀ ଭାବେ ରାଜ୍ୟ ପୁରସ୍କାର ପାଇଥିଲେ । ପୁରସ୍କାର ବାବଦକୁ ତାଙ୍କୁ ୨୫ ହଜାର ଟଙ୍କାର ଅର୍ଥରାଶି ମିଳିଥିଲା। ଏହି ଅର୍ଥରାଶି ମଧ୍ୟରୁ ସେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ମାଧ୍ୟମରେ ଭାରତୀୟ ରେଡ୍‌କ୍ରସ ସଂସ୍ଥାକୁ ୫ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୫ ହଜାର ଟଙ୍କା ପ୍ରଦାନ କରିବା ସହ ଅସହାୟ ପୀଡିତଙ୍କ ପାଇଁ ଅବଶିଷ୍ଟ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଖାନ୍‌ଙ୍କ ଏତାଦୃଶ କାର୍ଯ୍ୟକୁ ଜିଲାପାଳ ପ୍ରଶଂସା କରି ସମାଜସେବା କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

### ଚୋରା ମଦ ବେପାରୀ ଗିରଫ

**ଯୋଡ଼ା,୧।୯(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ସହର ମଧ୍ୟ ଭାଗରେ ଥିବା ଗାନ୍ଧୀ ଛକ ନିକଟରେ ଚୋରା ମଦ କାରବାର ଅଭିଯୋଗରେ ଇରଫାନ୍ ଖାନ୍‌କୁ ଯୋଡା ପୋଲିସ ରବିବାର ଗିରଫ କରିଛି । ପୋଲିସ ସୂଚନାନୁଯାୟୀ, ଦିପୁ ହଟିଂର ଇରଫାନ ଖାନ୍ ନାମକ ଏହି ଯୁବକ ମହୁଲିମଦ କାରବାର କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରେ ପୋଲିସ ଚଢାଉ କରି ୫୦ ଲିଟର ମହୁଲିମଦ ଜବତ କରିବା ସହିତ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏ ନେଇ ଥାନାରେ ଏକ ମାମଲା ( ନଂ ୧୩୭/୧୯ ) ରୁଜୁ ହୋଇଛି ।

### ସମ୍ବର୍ଦ୍ଧିତ ହେଲେ କବି ଶମ୍ଭୁନାଥ

**ଆନନ୍ଦପୁର,୧।୯(ସ୍ୱ.ପ୍ର.)-** କୁଜଙ୍ଗ ସାହିତ୍ୟ ଓ ସଂସ୍କୃତି ପରିଷଦ, ପାରାଦୀପ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ମହାସଭାରେ ଆନନ୍ଦପୁରର ବିଶିଷ୍ଟ କବି ଡ. ଶମ୍ଭୁନାଥ ରାଉତଙ୍କୁ 'ଓଡିଶାର ବିଶିଷ୍ଟ କବି ସମ୍ମାନ' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ପାରାଦୀପ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସାହିତ୍ୟ ମହାସଭାରେ ରାଜ୍ୟର ବହୁ ବିଶିଷ୍ଟ ଗାଳ୍ପିକ, କବି, ପ୍ରାବନ୍ଧିକ ଯୋଗ ଦେଇଥିଲେ। ସଭାରେ ଜଳ ସମ୍ପଦ ମନ୍ତ୍ରୀ ରଘୁନାଥ ଦାସ, ବିଧାୟକ ଅମର ଶତପଥୀ, ସମ୍ବିତ ରାଉତରାୟ,ଏମପି ରାଜଶ୍ରୀ ମଲ୍ଲିକ, ଭାଷାବିତ୍ ଡ. ପ୍ରଫୁଲ୍ଲ ମହାନ୍ତି, ଡ. ଫଣି ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ହରୀଶ ଚନ୍ଦ୍ର ବେହେରା, ଅକ୍ଷୟ ରାଉତ, ଜଗତସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଫ୍ରଫୁଲ୍ଲ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

### ହରିଚନ୍ଦନପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା

**କେନ୍ଦୁଝର/କୋଲିମାଟି,୧।୯ (ସ୍ୱ.ପ୍ର./ଡି.ଏନ.ଏ.)-** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକରେ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭା ଗୃହରେ ଅନୁଷ୍ଠିତ ଏକ ବୈଠକରେ ଖବରଦାତା ଶ୍ରୀନିବାସ ପାଇକରାୟ ପୌରୋହିତ୍ୟ କରିଥିଲେ। ସର୍ବସମ୍ମତି କ୍ରମେ ପ୍ରଶାନ୍ତ କୁମାର ନାୟକଙ୍କୁ ସଭାପତି, ପ୍ରେମାନନ୍ଦ ଦାସଙ୍କୁ ଉପ ସଭାପତି, ଶ୍ରୀନିବାସ ପାଇକରାୟଙ୍କୁ ସମ୍ପାଦକ, କହ୍ନେଇ ମହାନ୍ତଙ୍କୁ ସହ ସମ୍ପାଦକ, ପରେଶ କୁମାର ସେଠୀଙ୍କୁ କୋଷାଧକ୍ଷ ଏବଂ ଉପଦେଷ୍ଟା ଭାବେ ଭବାନୀ ପ୍ରସାଦ ମହାନ୍ତ , ଘନଶ୍ୟାମ ଜେନା, ରାମଚନ୍ଦ୍ର ନାଏକ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ପ୍ରେସ କ୍ଲବର ସଦସ୍ୟ ନରୋତ୍ତମ ପାତ୍ର, କୃଷ୍ଣଚନ୍ଦ୍ର ବେହେରା, ହିମାଂଶୁ ଶେଖର ଦାସ, ଦୁଷ୍ମନ୍ତ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉତ୍ତମ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

### ଚୋରା ମଦ କାରବାର ଧରପଗଡ଼

**ଆନନ୍ଦପୁର,୧।୯(ସ୍ୱ.ପ୍ର.)-** ଆନନ୍ଦପୁର ଥାନା ବିରିଡିହା ଗ୍ରାମରେ ଚୋରା ଦେଶୀ ମଦ କାରବାର ଅଭିଯୋଗରେ ପୋଲିସ ଚଢାଉ କରି ଗ୍ରାମର ମଦ ବେପାରୀ ବାବୁଲି ଜେନାକୁ ଗିରଫ କରିଛି। ତାଙ୍କ ନିକଟରୁ ୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତ କାରୀ ଅଧିକାରୀ ଏଏସଆଇ ସୁରଥ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା ନେଇ ହଟ୍ଟଗୋଳ

**ଝୁମ୍ପୁରା, ୧।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ପଞ୍ଚାୟତ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୬ମାସ ପରେ ସମିତି ସଭାକକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ ସଭାପତିତ୍ୱ କରିଥିଲେ। ସଦର ବିଧାୟକ ମୋହନ ଚରଣ ମାଝି, ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଡିଓ ଜୟଶ୍ରୀ ବେଉରା, ତହସିଲଦାର ଜନକ ନାୟକ, ବ୍ଲକ ଉପାଧକ୍ଷା ସୁବାସିନୀ ବାରିକ, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୬ନଂ ଜିଲାପରିଷଦ ସଦସ୍ୟ ସୋମନାଥ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ୨୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ବେଳେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଥିଲା। ନିମ୍ନମାନର କାମ ଓ ଅବ୍ୟବସ୍ଥା ଯୋଗୁ ଉନ୍ନୟନ ମୂଳକ କାମ ଦିଗହରା ହୋଇ ପଡିଥିବା ସେମାନେ ଦର୍ଶାଇଥିଲେ।

ସମିତି ବୈଠକ ଆରମ୍ଭରେ ଜିପିଓ ଅକ୍ଷୟ ମହାନ୍ତ ଉନ୍ନୟନ ମୂଳକ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ବୈଠକରେ ହୋ ହଲ୍ଲା ଆରମ୍ଭ ହୋଇଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସ୍ତରରେ ହେଉଥିବା ଉନ୍ନୟନ ମୂଳକ କାମ ସମ୍ବନ୍ଧରେ ପଞ୍ଚାୟତ ପ୍ରତିନିଧିଙ୍କୁ କାହିଁକି ସୂଚନା ଦିଆଯାଉ ନାହିଁ ଏବଂ ସଚେତନତା କ୍ୟାମ୍ପ କାହିଁକି କରାଯାଉ ନାହିଁ ପଞ୍ଚାୟତ ପ୍ରତିନିଧିମାନେ ପଚାରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ବ୍ଲକରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ନାନା ପ୍ରଶ୍ନ ଉତ୍ଥାପନ କରିଥିଲେ। ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା,

**ଝୁମ୍ପୁରା ପଞ୍ଚାୟତ ସମିତି ବୈଠକ**



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି।

- **ସରକାରୀ ଯୋଜନା ସମ୍ବନ୍ଧରେ ଜାଣି ପାରୁ ନାହାନ୍ତି ପ୍ରତିନିଧି**
- **ଉନ୍ନୟନ ମୂଳକ କାମ ଦିଗହରା ହୋଇପଡିଥିବା ଅଭିଯୋଗ**

ସୋମନାଥ ମୁଣ୍ଡା, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା, ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ବାରିଆ ସମିତି ସଭ୍ୟ ଶିବଚରଣ ପ୍ରଧାନ, ଝୁମ୍ପୁରା ସରପଞ୍ଚ ବୈଜୟନ୍ତୀ ନାଏକ ପ୍ରମୁଖ ଏନେଇ ହଟ୍ଟଗୋଳ କରି ଏନଆରଇଜିଏ, ଜିଜିୱାଇ, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ଚେକ ଡ୍ୟାମ, ଅଙ୍ଗନୱାଡି ଗୃହ, ଖେଳପଡିଆ, ଆମ ଗାଁ ଆମ ବିକାଶ ଯୋଜନା ଅନ୍ତର୍ଗତ ସମସ୍ତ ଉନ୍ନୟନ ମୂଳକ କାମ ଅଧପନ୍ତରିଆ ହୋଇ ପଡି ରହିଥିବା ଅଭିଯୋଗ କରିଥିଲେ। କେତେକ ଜାଗାରେ ଆଦୌ କାମ ହୋଇ ନ ଥିବା ଉଲ୍ଲେଖ କରି ପଞ୍ଚାୟତ ପ୍ରତିନିଧିମାନେ ଅଧିକାରୀଙ୍କ ଠାରୁ ଉତ୍ତର ମାଗିଥିଲେ। ପୂର୍ବାହ୍ନ ୧୧ଟା ଠାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ବୈଠକ ଚାଲିଥିଲା। ମଧ୍ୟାହ୍ନ ଭୋଜନ ପରେ ବିଧାୟକ ଦ୍ୱୟ ସମସ୍ତ ଉନ୍ନୟନ ମୂଳକ କାମରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସାମିଲ କରି କାମଗୁଡିକୁ ତ୍ୱରାନ୍ୱିତ କରିବା ସକାଶେ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ମୁଖ୍ୟତଃ ଏହି ବ୍ଲକର ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା।

## ରାସ୍ତାରୋକୋ ଲାଗି ପ୍ରବର୍ତ୍ତାଇବା ଅଭିଯୋଗରେ ଗିରଫ

**ଯୋଡ଼ା,୧।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲଠାରେ ଶନିବାର ବିଭିନ୍ନ ଦାବି ନେଇ କେତେକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଦୀର୍ଘ ୭ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ଫଳରେ ଲୋକେ ହଇରାଣ ହେବା ସହ ବିଭିନ୍ନ ଖଣି କମ୍ପାନୀର ପରିବହନ କାର୍ଯ୍ୟ ଠପ ହୋଇଯାଇଥିଲା। ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରି ଧାରଣାସ୍ଥଳରୁ ଉଠାଇଥିଲା । ରାସ୍ତାରୋକୋ ଘଟଣା ନେଇ ଏକ ଖଣି କମ୍ପାନୀ ପକ୍ଷରୁ ବାମେବାରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ରାସ୍ତା ଅବରୋଧ ଲାଗି ଉସୁକାଇବା ଅଭିଯୋଗରେ ଜରିବାହଲ ଅଞ୍ଚଳର ଶିବୁ ଶର୍ମାଙ୍କୁ ଗିରଫ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏହା ପୋଲିସର ଦମନଲୀଳା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରି ଗିରଫଦାରୀକୁ ନିନ୍ଦା କରିଛନ୍ତି।

## 'ଯୁବପିଢି ସାହିତ୍ୟାନୁରାଗୀ ହେଲେ ଉତ୍ତମ ପରିବେଶ ସୃଷ୍ଟି ହେବ'

**ଆନନ୍ଦପୁର, ୧।୯(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସିଟି ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଯୁବପିଢି ସାହିତାନୁରାଗୀ ହେଲେ ଏକ ଉତ୍ତମ ପରିବେଶ ସୃଷ୍ଟି ହେବ ବୋଲି ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦର ସଭାପତି ସରୋଜ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। କବି ହୁସେନ ରବି ଗାନ୍ଧୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କବି ରମାକାନ୍ତ ଜେନା ମୁଖ୍ୟବକ୍ତା ଏବଂ କବି ଡ.ଅମୀୟ ମହାପାତ୍ର, ଆନନ୍ଦପୁର ମାହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ଶିଶୁ ସାହିତ୍ୟିକ କୀର୍ତ୍ତନ ବିହାରୀ ସାହୁ, କବି ଅଶୋକ ପୁହାଣ, ସିଟି ସ୍କୁଲର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ।



ଫକୀରପୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଯୁଗେ ଯୁଗେ ସାହିତ୍ୟ ପରିବର୍ତ୍ତନ ଆଣିଛି। ସାହିତ୍ୟର ପ୍ରଭାବ ସୁଦୂର ପ୍ରସାରୀ। ଭାଷା ସାହିତ୍ୟ ପ୍ରତି ଅନୁରକ୍ତି ରହିଲେ ପରିବର୍ତ୍ତନର ଧାରା ତ୍ୱରାନ୍ୱିତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଂସଦର ସମ୍ପାଦକ କବି ଅନୀଲ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆନନ୍ଦପୁର ବ୍ଲକ ଏବିଇଓ ଚତୁର୍ଭୁଜ ପହି, କବି ସତୀଶ ଚନ୍ଦ୍ର ଦାଶ, ଆନନ୍ଦପୁର ସବୁଜିମା ସାହିତ୍ୟ ସଂସଦର ସଭାତି କବି ପ୍ରଦୀପ ହଜାରୀ, ସମାଜସେବୀ ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖଙ୍କୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ କବି ପ୍ରଫୁଲ୍ଲ ଚକ୍ର, ରଘୁନାଥ ପଣ୍ଡିତ, ଅନନ୍ତ ଦେହୁରୀଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦେଇଥିଲେ।

## କେନ୍ଦୁଝର ଜିଲା କନିଷ୍ଠ ଶିକ୍ଷକ ସଂଘ ପୁନର୍ଗଠିତ

**କେନ୍ଦୁଝର, ୧।୯(ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ ଜିଲା କନିଷ୍ଠ ଶିକ୍ଷକ ସଂଘର ଏକ ସଭା ସଂଘ ସଭାପତି ସୂର୍ଯ୍ୟକାନ୍ତ ସେଠୀଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା କନିଷ୍ଠ ଶିକ୍ଷକ ସଂଘର ପୁର୍ନଗଠନ କରାଯାଇଥିଲା। ନୂତନ ସଂଘର ସଭାପତି ଭାବେ ବିଶ୍ୱରଞ୍ଜନ ନାୟକ, ସାଧାରଣ ସମ୍ପାଦକ ଭାବେ ଦୁଷ୍ମନ୍ତ କୁମାର ବାରିକ, କାର୍ଯ୍ୟକାରୀ ସଭାପତି ଭାବେ ଗୌରାଙ୍ଗ ଚରଣ ସ୍ୱାଇଁ ଓ ଜିଲା ସଂଯୋଜକ ଭାବେ ତ୍ରୈଲୋକ୍ୟ ରଞ୍ଜନ ମିଶ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ସାଧାରଣ ସମ୍ପାଦକ ରଜତ କୁମାର ପତି ନୂତନ ଭାବେ ମନୋନୀତ ହୋଇଥିବାରୁ ସଦସ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ୨୦୧୧ ବ୍ୟାଚ୍‌ର ଶିକ୍ଷକ ତଥା କନିଷ୍ଠ ଶିକ୍ଷକ ସଂଘର ପୂର୍ବତନ ସଭାପତି ହେମନ୍ତ କୁମାର ଖୁଣ୍ଟିଆ ଓ ୨୦୧୨ ମସିହାର ଶିକ୍ଷକ ସନାତନ ବେହେରା ବୈଠକରେ ଉପସ୍ଥିତ ରହି ସଂଘ ପୁର୍ନଗଠନରେ ସହଯୋଗ କରିବା ସହ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ରାଜ୍ୟ କନିଷ୍ଠ ଶିକ୍ଷକ ସଂଘର ମହାସଚିବ ବିବେକାନନ୍ଦ ବେହେରା ସଭାରେ ଉପସ୍ଥିତ ରହି ସଂଘର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ।

## ନିର୍ମାଣ ସରିବାର ମାସକ ପରେ ଜାତୀୟ ରାଜପଥ ବିପଦସଙ୍କୁଳ

**ରାଇସୁଆଁ, ୧।୯(ଡି.ଏନ.ଏ.)**

ଯାଜପୁର ଜିଲା ପାଣିକୋଇଲିଠାରୁ କେନ୍ଦୁଝର ଜିଲା ରଜାମୁଣ୍ଡା ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ହୋଇଛି। କେନ୍ଦୁଝର ଜିଲାର ସଦର ଅଞ୍ଚଳ ଦେଇ ପଳାଶପଙ୍ଗା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଏକ ମାସ ନ ପୂରୁଣୁ ଏହା ଖାଲଖମାରେ ପରିପୂର୍ଣ୍ଣ ହୋଇ ଯାତାୟତ ଅନୁପଯୋଗୀ ହୋଇପଡିଛି। ଅତିନିମ୍ନମାନର କାମ ଯୋଗୁ ଏଭଳି ଅବସ୍ଥା ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ତିଆରି ହୋଇଥିବା ପୋଲରୁ ବର୍ଷା ହେଲେ ପାଣି ଗଳୁଥିବା ଦେଖିବାକୁ ମିଳିଛି। ବହୁସ୍ଥାନରେ ରାସ୍ତାର ସାଇଡୱାଲ ନଥିବାରୁ ବର୍ଷାରେ ମାଟି ଅତଡା ଖସି ତଳ ରାସ୍ତାକୁ ଅବରୋଧ କରି ଦେଉଛି। ଏବେ ଖାଲଖମାରେ ବର୍ଷାପାଣି ଜମିରହୁଥିବାରୁ ଏହା ଦୁର୍ଘଟଣାର କାରଣ ହେଉଛି।

ରାସ୍ତାର ଡ୍ରେନ ନିର୍ମାଣ କାମ ମଧ୍ୟ ଅତିନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବର୍ଷା ପାଣି ନିଷ୍କାସନ ନ ହେବା କାରଣରୁ କେତେକ ସ୍ଥାନରେ ଡ୍ରେନ ଭାଙ୍ଗି ପଡିଥିବା ଦେଖିବାକୁ ମଳୁଛି। ଏପରିକି ରାସ୍ତାର କେତେକ ସ୍ଥାନ ଦବି ବିପଦସଙ୍କୁଳ ହୋଇପଡ଼ିଛି। ସର୍ଭିସ ରୋଡ ଅସମ୍ପୂର୍ଣ୍ଣ ଥିବା ବେଳେ ଠିକା ସଂସ୍ଥାର ଆଉ ଦେଖା ମିଳୁ ନାହିଁ। ପ୍ରଶାସନ ରାସ୍ତା ସମସ୍ୟା ପ୍ରତି ଦୃଷ୍ଟି ନ ଦେଇ ଟୁଲ ଗେଟ ବସାଇ ଟଙ୍କା ଆଦାୟ କରୁଥିବାରୁ ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ଏସବୁ ଜାଣିଶୁଣି ନୀରବ ରହିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇ ନିର୍ମାଣ କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି।

## କେନ୍ଦୁଝର ଜିଲାରେ ଭୋଟର ଯାଞ୍ଚ ଆରମ୍ଭ

**କେନ୍ଦୁଝର, ୧।୯(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲାରେ ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ଜିଲାପାଳ ତଥା ଜିଲାନିର୍ବାଚନ ଅଧିକାରୀ ଆଶିଷ ଠାକରେ ଜିଲା ନିର୍ବାଚନ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ଭାରତର ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୧ରୁ ଆଗାମୀ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉଦ୍ଦେଶ୍ୟରେ ଏହି ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୋଟରମାନେ ତାଲିକାରେ ଥିବା ସେମାନଙ୍କର ନାମ, ତଥ୍ୟ ଓ ଫଟୋ ନିର୍ଭୁଲ ଭାବରେ ଅଛି କି ନାହିଁ ତାହା ଯାଞ୍ଚ କରି ପାରିବେ। ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ଏନ୍‌ଭିଏସ୍‌ପି ପୋର୍ଟାଲ, ଭୋଟର ହେଲ୍‌ପଲାଇନ୍ ମୋବାଇଲ୍ ଆପ୍, ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଫିସ ଏବଂ ବ୍ଲକ୍ କାର୍ଯ୍ୟାଳୟ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ମତଦାତା ସୁବିଧା କେନ୍ଦ୍ରକୁ ଯାଇ ନିଜର ତଥା ପରିବାରର ଅନ୍ୟ ଭୋଟରଙ୍କର ତାଲିକାରେ ଥିବା ବିବରଣୀକୁ ଯାଞ୍ଚ କରିପାରିବେ । ତ୍ରୁଟିଥିଲେ ସେମାନେ ସଂଶୋଧନ ପାଇଁ ଆବଶ୍ୟକୀୟ କାଗଜାତ୍, ପ୍ରମାଣପତ୍ର ଓ ପରିଚୟପତ୍ର ଅପ୍‌ଲୋଡ୍ ବା ଦାଖଲ କରିପାରିବେ । ଭୋଟର ଆଣ୍ଡ୍ରଏଡ୍ ଆପ୍‌ରେ ଭୋଟରମାନେ ଘରେ ବସି ନିଜ ନାମ ଓ ତଥ୍ୟ ଯାଞ୍ଚ କରି ସଂଶୋଧନ କରିପାରିବେ। ସେହିପରି ବୁଥ୍‌ସ୍ତରୀୟ ଅଧିକାରୀମାନେ ବୁଥ୍‌ସ୍ତରରେ ଯାଞ୍ଚ କରି ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସରଙ୍କ ନିକଟକୁ ତାଲିକା ପଠାଇବେ। ଏହି ପ୍ରକ୍ରିୟାର ନିୟମିତ ସମୀକ୍ଷା କରାଯିବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଡଃ ଭକ୍ତ ଚରଣ ପ୍ରଧାନ,ସହକାରୀ ଜିଲାପାଳ (ନିର୍ବାଚନ) କିରଣ କୁମାର ନାଏକ,ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଭୋଟର ଯାଞ୍ଚର ଶୁଭାରମ୍ଭ ଅବସରରେ ଜିଲାପାଳ ଆଶିଷ ଠାକ୍‌ରେ।

## ଦକ୍ଷତା ବିକାଶ କର୍ମଶାଳା

**ବଡଲା, ୧।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ହଦଗଡ଼ ନବୋଦୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ନିଜସ୍ୱ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀ ସ୍ଥିତ ଇଣ୍ଡିଆ ନାଓ ଫାଉଣ୍ଡେସନର ପ୍ରଶିକ୍ଷକ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ପ୍ରତିପାଦନ କର କିଭଳି ବିଭିନ୍ନ ପରୀକ୍ଷାରେ କୃତ କାର୍ଯ୍ୟ ହେବେ ସେ ନେଇ ସଚେତନ କରାଇଥିଲେ । ଏଥିରେ ୯ମରୁ ୧୨ଶ ଶେଣୀର ଛାତ୍ରୀଛାତ୍ର ଭାଗ ନେଇଥିଲେ । ନବୋଦୟ ବିଦ୍ୟାଳୟର ଅଧକ୍ଷ ପି.ମଣିକଣ୍ଠନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଉତ୍ତର ପ୍ରଦେଶର ଚିନାବାଦାମ କେନ୍ଦୁଝର ରାଜରାସ୍ତାରେ



ବର୍ଷା ଋତୁରେ ଚିନାବାଦାମର ସ୍ୱାଦ ନିଆରା । ସମସ୍ତେ ଗରମ ଗରମ ଭଜା ଚିନାବାଦାମ ଖାଇବାକୁ ଭଲ ପାଆନ୍ତି । ଗତ କିଛିଦିନ ହେଲା ଉତ୍ତର ପ୍ରଦେଶର ବ୍ୟବସାୟୀମାନେ ଚିନାବାଦାମ କେନ୍ଦୁଝର ସହରକୁ ଆଣି ବିଭିନ୍ନ ସ୍ଥାନରେ ରାଜରାସ୍ତା କଡରେ ବସି ଏହାକୁ ଭାଜି ବିକ୍ରି କରୁଛନ୍ତି। ରାସ୍ତାରେ ଯାତାୟତ କରୁଥିବା ଲେକେ ବାଦାମ କିଣିବାକୁ ଭିଡ ଜମାଉଛନ୍ତି। ଏହାର କିଲୋ ୧୨୦ ଟଙ୍କାରେ ବିକ୍ରି ହେଉଛି ।

ଫଟୋ: ନରେଶ

## ନବମ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଚମ୍ପୁଆ,୧।୯(ଡି.ଏନ.ଏ.)**

ଚମ୍ପୁଆ ବ୍ଲକ କଇଁତା ଗ୍ରାମରେ ନବମ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜ ସେବୀ ସୁରେଶ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଚମ୍ପୁଆ ଉପକାରାଗାର ମୁଖ୍ୟ ଜୀବନ ସିଂ କୁଦାଦା, ଜାତୀୟ ସ୍ତରର ଫୁଟବଲ କୋଚ ବିରେନ୍ଦ୍ର ମହାନ୍ତ, ପୂର୍ବତନ ସରପଞ୍ଚ ତ୍ରୀବନ ମୁଣ୍ଡା, ରାଜେନ ସାୟାଁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ସନ୍ ରାଇଜ କ୍ଲବ ଅନୁକୁଲ୍ୟାରେ ଅନୁଷ୍ଠିତ ଏହି ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତାରେ ଓଡିଶା ଓ ଝାଡଖଣ୍ଡ ରାଜ୍ୟରୁ ମୋଟ ୩୨ ଦଳ ଅଂଶଗ୍ରହଣ କରିଥିଲେ।

ନକ୍‌ଆଉଟ ପର୍ଯ୍ୟାୟ ଶେଷରେ ଜୁଗୁଲିଦର ଫୁଟବଲ କ୍ଲବ ଓ ଟାଇଗର ଆଣ୍ଡ ଟାଇଗର ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ବିର୍ସା ମୁଣ୍ଡା ୟଥ କ୍ଲବ ଜୁଗୁଲିଦର ଟିମ ଟାଇଗର ଆଣ୍ଡ ଟାଇଗରକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ପ୍ରତିଯୋଗିତାକୁ ରେଫାରୀ ଜତିନ କୁମାର ମହାନ୍ତ, ଦୀପକ କୁମାର ମହାନ୍ତ, ଧର୍ମା ମାଝି, ଶେଖର ଶର୍ମା ପ୍ରମୁଖ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଭୋଳା ନାଥ ଓ ଘନ ମହାନ୍ତ ଦାୟିତ୍ୱ ତୁଲାଇଥିଲେ। ବିଜୟ ଦଳକୁ ୨୦ ହଜାର, ରନର୍ସଅପ ଦଳକୁ ୧୫ ହଜାର, ତୃତୀୟ ଓ ଚତୁର୍ଥ ଦଳକୁ ଯଥାକ୍ରମେ ୧୦ ଓ ୮ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।



ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳି ।

# ପୂଜା ଦୋକାନ ଦେଇଛି ଋଷିବରଙ୍କୁ ଜିଇବାର ସାଧନ

**କେନ୍ଦୁଝର,୧।୯(ସ୍ୱ.ପ୍ର.)**

ନିଷ୍ଠା ଓ ଦୃଢ ଆତ୍ମ ବିଶ୍ୱାସ ହିଁ ତାଙ୍କୁ ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇଛି। ଚାକିରି ମୋହ ଛାଡି ସେ ବାପାଙ୍କ ପୂଜା ଦୋକାନକୁ ଭରସା କରି ବ୍ୟବସାୟକୁ ବଢାଇ ପାରିଛନ୍ତି। ପୂଜା ପାର୍ବଣ, ଯାନିଯାତ୍ରା ସମୟରେ ଲୋକଙ୍କୁ ଚାହିଦା ମୁତାବକ ବିଭିନ୍ନ ପୂଜା ସାମଗ୍ରୀ ଯୋଗାଇ ସେ ନିଜର ଏକ ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି କହନ୍ତି ୨୮ ବର୍ଷର ଯୁବକ ଋଷିବର ଦେହୁରୀ ।

ଋଷିବରଙ୍କ ଘର କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଭାଟୁଣିଆଁ ଗ୍ରାମରେ । ସେ ଯୁକ୍ତ ୩ କଳା ପାଠପଢା ସାରି କିଛିଦିନ ଚାକିରି ପଛରେ ଧାଇଁଥିଲେ। ଚାକିରି ନ ମିଳିବାରୁ ଜୀଇବା ଲାଗି ସେ ବାପାଙ୍କ ଛୋଟ ପୂଜା ଦୋକାନରେ ବ୍ୟବସାୟ କରିବାକୁ ମନ ବଳାଇଥିଲେ। ଆଜକୁ ୭ବର୍ଷ ହେବ ସେ ଏହି ଦୋକାନ ଭାର ହାତକୁ ନେଇ ଗ୍ରାହକମାନଙ୍କ ସହ ସମ୍ପର୍କ ରଖି ବେପାର କରି ଆସୁଛନ୍ତି। ଋଷିବର କହନ୍ତି, ତାଙ୍କ ବାପା ଦୀର୍ଘ ୪୨ ବର୍ଷ ତଳେ ପଦ୍ମପୁର ବଜାର ରାସ୍ତା କଡ଼ରେ ଏକ ଛୋଟ ଦୋକାନ ଆରମ୍ଭ କରିଥିଲେ । ୨୦ନମ୍ବର ରାଜପଥ ଦୁଇଭାଗ ଚଉଡ଼ା ହେବା ପରେ ସେ ପଦ୍ମପୁର ଆର୍‌ଏମ୍‌ସି ବଜାର ନିକଟ ମାର୍କେଟ କମ୍ପ୍ଲେକ୍ସରେ ଏହି ଦୋକାନ ଚଳାଇଛନ୍ତି। ସରଳ ମନୋଭାବ ଓ ସୁଲଭ ମୂଲ୍ୟରେ ସାମଗ୍ରୀ



ବିକ୍ରି ତାଙ୍କ ବ୍ୟାବସାୟିକ ସଫଳତାର ଚାବିକାଠି ସାଜିଛି। ତାଙ୍କ ବାପା କେଶବ ଚନ୍ଦ୍ର ଦେହୁରୀ ବାର୍ଦ୍ଧକ୍ୟର ଅସହାୟତା ସତ୍ତ୍ୱେ ଦୋକାନ ଦେଖାଶୁଣା କରି ତାଙ୍କୁ ସହାୟତା କରୁଛନ୍ତି। ଆଖପାଖ ଅଞ୍ଚଳର ଲୋକେ ବିବାହ, ବ୍ରତ ହେଉ କି ମେଳା, ଶୁଦ୍ଧି କ୍ରିୟା ହେଉକି ଶନିମେଳା ସବୁ ପ୍ରକାର ପୂଜାକାର୍ଯ୍ୟ ଲାଗି ସାମଗ୍ରୀ ନେବାକୁ ତାଙ୍କ ଦୋକାନକୁ ଧାଇଁ ଆସନ୍ତି । ନଡ଼ିଆ, କଦଳୀ, ସିନ୍ଦୁର, କରିଆ, ଧୂପ, ଧୂଣା, ଧାନମୁଠି, ମାଠିଆ, ଫୁଲମାଳ, ଥାଳି, ଦୀପ, ଘିଅ, ଜଡ଼ାତେଲ, ସୋରିଷତେଲ, ବିବାହ ସାମଗ୍ରୀ, ଖଲି, ଚଉପତି ସାଙ୍ଗକୁ ବିଭିନ୍ନ ଠାକୁର ଫଟୋ ଓ ମୂର୍ତ୍ତି ରଖି ସେ ବିକ୍ରି କରୁଛନ୍ତି। ପୂଜା ସାମଗ୍ରୀ ସଂଗ୍ରହ କରିବା ଓ ତାକୁ ବିକ୍ରି କରିବା ଲାଗି ଅନେକ ପରିଶ୍ରମ କରିବାକୁ ପଡିଥାଏ। ହେଲେ ଏଭଳି ପରିଶ୍ରମ ତାଙ୍କୁ ରୋଜଗାରକ୍ଷମ କରି ଦେଇଛି ଜିଇବାର ସାଧନ।